
ବାନ୍ତି କରାଉଥିବା ସମୟରେ ରୋଗୀକୁ ବସାଇ କିମ୍ବା ପେଟମାଡ଼ି ଶୁଆଇ ବାନ୍ତି କରାଇବା ଉଚିତ୍। ଚିତ୍ ହୋଇ ଶୋଇଲେ ରୋଗୀର ଶ୍ୱାସନଳୀରେ ବାନ୍ତି ପ୍ରବେଶ କରିଯାଇପାରେ। ଚେତା ନଥିବା ରୋଗୀର ବାନ୍ତି କରାଇବା ଅନୁଚିତ୍। ପାରଦଜାତୀୟ ବିଷାକ୍ତ ପଦାର୍ଥ ପେଟ ମଧ୍ୟକୁ ଯାଇଥିଲେ ରୋଗୀକୁ ପ୍ରଥମେ କଞ୍ଚା ଅଣ୍ଡାର ଧଳା ଲାଳ କିମ୍ବା ଥଣ୍ଡା କ୍ଷୀର ପିଆଇ ତା'ପରେ ବାନ୍ତି କରାଇବା ଆବଶ୍ୟକ। ନକୋଟିନ୍ ଜାତୀୟ ବିଷ ଖାଇଥିବା ରୋଗୀକୁ କଡ଼ା ଚା' ବା କଫି ପିଆଇବାକୁ ପଡ଼ିଥାଏ। ଆବଶ୍ୟକ ହେଲେ ସଂଗେସଂଗେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍।

## ଚର୍ମବାଟଦେଇ ଶରୀରକୁ ବିଷାକ୍ତ ଔଷଧ ପ୍ରବେଶ କରିଥିଲେ

ଶରୀରର ଯେକୌଣସି ଅଙ୍ଗ ପ୍ରତ୍ୟଙ୍ଗ ଉପରେ ବିଷାକ୍ତ ଔଷଧ ପଡ଼ିଥିଲେ, ସେହି ସ୍ଥାନରେ ଚର୍ମ ଉପରେ ସାବୁନ୍ ଲଗାଇ ବାରମ୍ବାର ପାଣିରେ ଧୋଇବା ଉଚିତ୍। ପିନ୍ଧିଥିବା ଲୁଗାପଟା ଇତ୍ୟାଦିରେ ବିଷାକ୍ତ ଔଷଧ ପଡ଼ିଲେ ତାହା ଚର୍ମ ସଂସ୍ପର୍ଶରେ ଆସି ଶରୀର ମଧ୍ୟକୁ ପ୍ରବେଶ କରିଥାଏ। ତେଣୁ ଏହି ସବୁ ଲୁଗାପଟା ସଙ୍ଗେସଙ୍ଗେ ଶରୀରରୁ ବାହାରକରି ଚର୍ମକୁ ସାବୁନ୍ ପାଣିରେ ଧୋଇଦେବା ସହିତ, ଆବଶ୍ୟକ ହେଲେ ଡାକ୍ତରଙ୍କ ପରାମର୍ଶ ନେବା।




## ନିଃଶ୍ୱାସ-ପ୍ରଶ୍ୱାସ ଦ୍ୱାରା ଶରୀରକୁ ବିଷାକ୍ତ ଔଷଧ ପ୍ରବେଶ କରିଥିଲେ



ଏଭଳି ରୋଗୀକୁ ସଂଗେସଂଗେ ମୁକ୍ତ ବାୟୁ ଚଳାଚଳ ସ୍ଥାନକୁ ନେଇଯିବା ଭଲ। ରୋଗୀ ପିନ୍ଧିଥିବା ବସ୍ତ୍ରକୁ ଖୋଲି ଦେବା ଉଚିତ୍। ଦେହରେ ଥଣ୍ଡା ନଲାଗିବା ପାଇଁ ରୋଗୀକୁ କମ୍ବଳ ଦ୍ୱାରା ଘୋଡ଼େଇ ଦେବାକୁ ପଡ଼ିଥାଏ। ରୋଗୀକୁ ଥଣ୍ଡା ଲାଗୁଥିଲେ ବ୍ରାଣ୍ଡିଭଳି କୌଣସି ମାଦକଦ୍ରବ ପିଇବାକୁ ଦେବା ଅନୁଚିତ୍। ରୋଗୀର ଶ୍ୱାସ ପ୍ରଶ୍ୱାସ ସ୍ୱଭାବିକ ନଥିଲେ କିମ୍ବା ବନ୍ଦ ହୋଇଯାଇଥିଲେ କୃତ୍ରିମ ଉପାୟରେ ଶ୍ୱାସପ୍ରଶ୍ୱାସ କରାଇବା ଉଚିତ୍। ଏ କ୍ଷେତ୍ରରେ ସଂଗେସଂଗେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍।

## ଚକ୍ଷୁରେ ବିଷାକ୍ତ ଔଷଧ ପଡ଼ିଥିଲେ



ଏ କ୍ଷେତ୍ରରେ ରୋଗୀର ଆଖିକୁ ମେଲା ରଖି ପ୍ରଥମେ ୫-୧୦ ମିନିଟ୍ ପର୍ଯ୍ୟନ୍ତ ସଫା ପାଣି ଆଖିକୁ ଛାଟିଲେ ବିଷାକ୍ତ ଔଷଧ ବାହାରି ଯାଏ। ଚଳାପାଣିରେ ଆଖିକୁ ଧୋଇବା ସବୁଠାରୁ ଭଲ। ଏସବୁ କରି ସାରିଲା ପରେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍।


## ବିଷାକ୍ତ ଔଷଧ ଜନିତ ସନ୍ନିପାତ ରୋଗୀର ପ୍ରାଥମିକ ଚିକିତ୍ସା

କୋଣସି ବିଷାକ୍ତ ଔଷଧର ପ୍ରଭାବରେ ରୋଗୀଠାରେ ସନ୍ନିପାତ ଲକ୍ଷଣ ଦେଖାଗଲେ ରୋଗୀକୁ ତଳେ ଶୁଆଇ ଦେବା ଉଚିତ୍। ଏପରି ସ୍ଥଳେ ରୋଗୀର ଗୋଡ଼ ପାଖ ମୁଣ୍ଡପାଖ ଠାରୁ ଉଚ୍ଚରେ ରଖିବା ଉଚିତ୍। କାରଣ ଏହାଦ୍ୱାରା ମସ୍ତିଷ୍କ ଓ ହୃତ୍‌ପିଣ୍ଡକୁ ରକ୍ତ ସଂଚାଳନ ସୁବିଧାରେ ହୋଇଥାଏ। ରୋଗୀକୁ କମ୍ବଳ ବା ରେଜେଇ ଦ୍ୱାରା ଘୋଡେଇ ରଖିବା ଉଚିତ୍। ରୋଗୀର ଚେତା ଥିଲେ ତାକୁ କଡ଼ା ଚା' ବା କଫି ଉଷୁମ୍ ଅବସ୍ଥାରେ ପିଆଇବାକୁ ଦେବା ଉଚିତ୍। ରୋଗୀ ଯେପରି ଗୋଡ଼, ହାତ ଛଟା ଛଟି ନକରେ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। କାରଣ ଏହା ଦ୍ୱାରା ରୋଗୀ ହାଲିଆ ଓ ଦୁର୍ବଳ ହୋଇପଡ଼େ। ଏଥି ସହିତ ଡାକ୍ତରଙ୍କ ପରାମର୍ଶ ନେଇ ସଙ୍ଗେସଙ୍ଗେ ରୋଗୀର ଉତ୍ତମ ଚିକିତ୍ସା ବ୍ୟବସ୍ଥା କରିବା ଉଚିତ୍।











*Published by:*
KVK, Sundargarh-II, Rourkela, Odisha
www.kvksundargarh2.org
E-Mail:kvk.sundargarh2@ouat.ac.in,
*Printed at:*
Ankitagraphics, Bhubaneswar

2026030792
**OUAT Publication No.2026030792**

# ବିଷାକ୍ତ ଜୀବନାଶକର ସଠିକ୍ ଓ ନିରାପଦ ବ୍ୟବହାର



**ଆଲେଖ୍ୟ:**
ଶ୍ରୀ ସମରେନ୍ଦ୍ର ବରାଳ
ଶ୍ରୀ ସଞ୍ଜୟ କୁମାର ପ୍ରଧାନ
ଶ୍ରୀମତୀ ଅନୁଭା କୁଜୁର୍

**ସଂପାଦନା:**
ଡ. ଜୟନ୍ତ କୁମାର ପତି
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**କମ୍ପ୍ୟୁଟର ସହାୟତା:**
ଶ୍ରୀ ସୋମଦତ୍ତ ମହାନ୍ତି

କୃଷିବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨, ରାଉରକେଲା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ବିଷାକ୍ତ ଜୀବନନାଶକର ସଠିକ୍ ଓ ନିରାପଦ ବ୍ୟବହାର

ଯଦିଓ ଫସଲରେ କୀଟ ଓ ରୋଗ ଆକ୍ରମଣ ପ୍ରତିହତ କରିବା ପାଇଁ ବିଷାକ୍ତ ଜୀବନାଶକ ପ୍ରୟୋଗ ଶେଷ ପନ୍ଥାଭାବରେ ଗ୍ରହଣ କରାଯିବା ଆବଶ୍ୟକ। ତଥାପି ଅନେକ ସମୟରେ ସଚେତନତା ଅଭାବରୁ କୃଷକ ଜୀବନାଶକ ପ୍ରୟୋଗ ସମୟରେ ଆବଶ୍ୟକ ସତର୍କତା ଅବଲମ୍ବନ କରେନାହିଁ। ଯାହା ଦ୍ୱାରା କି ଫସଲରେ ରୋଗ ଓ କୀଟ ଆକ୍ରମଣ କମ୍ ହୁଏନାହିଁ, ବରଂ ବିଷାକ୍ତତା ହେତୁ ଚାଷୀର ଶରୀରରେ କ୍ଷତି ପହଞ୍ଚିଥାଏ। ଏଣୁ ରାସାୟନିକ ଜୀଜବନାଶକର ସଠିକ୍ ଓ ଉପଯୁକ୍ତ ତଥା ନିରାପଦ ବ୍ୟବହାର, ଜୀବନାଶକଜନିତ ବିଷକ୍ତତାର ଲକ୍ଷଣ, ପ୍ରୟୋଗ ସମୟରେ ସତର୍କତା ଓ ପ୍ରାଥମିକ ଚିକିତ୍ସା ସମ୍ବନ୍ଧରେ ବିଶେଷ ଯତ୍ନବାନ ହେବା ଦରକାର। ଯାହାଏଠାରେ ବିସ୍ତୃତଭାବରେ ଆଲୋଚନା କରାଯାଇଅଛି।

୧. ନିର୍ଦ୍ଦିଷ୍ଟ କ୍ଷେତ୍ରପାଇଁ ଓ ଥରେ ପକାଇବା ପାଇଁ ଦରକାର ହେଉଥିବା ଠିକ୍ ପରିମାଣର ଔଷଧ କିଣନ୍ତୁ।
୨. କୌଣସିମତେ କଣା ହୋଇଥିବା ଡବା, ଖୁଚୁରା ଓ ସିଲ୍ ନଥିବା ଡବା ବା ବୋତଲ କିଣନ୍ତୁ ନାହିଁ।
୩. ଲେବୁଲ୍ ନଥିବା ଜୀବନାଶକ ଦ୍ରବ୍ୟ ଆଦୌ କିଣନ୍ତୁ ନାହିଁ।
୪. ସମୟସୀମା ଉଲଘଂନ କରିଥିବା ଜୀବନାଶକକୁ କିଣନ୍ତୁ ନାହିଁ।
୫. ଘର ମଧ୍ୟରେ ଜୀବନାଶକ ଦ୍ରବ୍ୟ ସାଇତି ରଖନ୍ତୁ ନାହିଁ।
୬. ଜୀବନାଶକ ଦ୍ରବ୍ୟକୁ ଅନ୍ୟ ଡବାରେ/ବୋତଲରେ ସାଇତି ରଖନ୍ତୁ ନାହିଁ।
୭. ସବୁବେଳେ ଜୀବନାଶକ ଶୁଖିଲା ସ୍ଥାନରେ, ଗୃହପାଳିତ ପଶୁ, ପକ୍ଷୀ ଓ ପିଲାମାନଙ୍କ ଠାରୁ ଦୂରରେ ତାଲା ପକାଇ ରଖନ୍ତୁ।
୮. ଖାଦ୍ୟଦ୍ରବ୍ୟ ସହିତ କେବେହେଲେ ଜୀବନାଶକ ଡବାକୁ ଏକା ସଙ୍ଗରେ ପରିବହନ କରନ୍ତୁ ନାହିଁ ବା ଏକାଠି ରଖନ୍ତୁ ନାହିଁ।
୯. ପ୍ରୟୋଗ ଦିନ ବ୍ୟବହାର ପାଇଁ ଆବଶ୍ୟକ ଜୀବନାଶକ ଗଚ୍ଛିତ ସ୍ଥାନରୁ ନିଅନ୍ତୁ।
୧୦. ଦ୍ରବଣ ପ୍ରସ୍ତୁତ କରିବା ପୂର୍ବରୁ ଡବାରେ ଥିବା ସୂଚନାପତ୍ର (ଲେବଲ୍)ଟି ଭଲ ଭାବରେ ପଢ଼ନ୍ତୁ।
୧୧. ଠିକ୍ ମାତ୍ରାରେ କୀଟନାଶକ ମିଶ୍ରଣ ପ୍ରସ୍ତୁତ ହୋଇଛି କି ନାହିଁ ତଦାରଖ କରନ୍ତୁ।
୧୨. ତରଳ କୀଟନାଶକ ସିଞ୍ଚନ ଯନ୍ତ୍ରକୁ ଢାଳିବା ସମୟରେ ଛିଟିକି ନ ଆସିବା ପ୍ରତି ବିଶେଷ ଯତ୍ନ ନିଅନ୍ତୁ।
୧୩. ବ୍ୟବହୃତ ହେବାକୁ ଥିବା ସିଞ୍ଚନ ଯନ୍ତ୍ରଟି ଠିକ୍ ଅଛି ନା ନାହିଁ ପରୀକ୍ଷା କରି ନିଅନ୍ତୁ।
୧୪. କୀଟନାଶକ ସିଞ୍ଚନ କରୁଥିବା ବ୍ୟକ୍ତି ଠିକ୍ ପ୍ରଶିକ୍ଷଣ ନେବା ଉଚିତ। ଛୋଟ ପିଲା ଓ ବୃଦ୍ଧ ବ୍ୟକ୍ତିଙ୍କୁ ଜୀବନାଶକ ସିଞ୍ଚନରେ ନିୟୋଜିତ କରନ୍ତୁ ନାହିଁ।
୧୫. କେବଳ ଅନୁମୋଦିତ ଓ ପରିବେଶ ସହାୟକ କୀଟନାଶକ ବ୍ୟବହାର କରନ୍ତୁ।
୧୬. ଜୀବନାଶକ ସକାଳ କିମ୍ବା ଅପରାହ୍ଣରେ ପ୍ରୟୋଗ କରନ୍ତୁ। ମଧ୍ୟାହ୍ନରେ କୌଣସିମତେ ପ୍ରୟୋଗ କରନ୍ତୁନାହିଁ।
୧୭. ଅଧିକ ଖରା କିମ୍ବା ପବନ (ପବନର ବେଗ ଘଣ୍ଟାପ୍ରତି ୧୨ କିମିରୁ ଅଧିକ) ଓ ଅଧିକ ଉତ୍ତାପ ଥାଇ ଆପେକ୍ଷିକ ଆର୍ଦ୍ରତା ବୃଦ୍ଧି ପାଇଥିଲେ ଜୀବନାଶକ ସିଞ୍ଚନ କରନ୍ତୁ ନାହିଁ।
୧୮. ପବନ ବହିବା ଦିଗକୁ ସିଞ୍ଚନ/ବିଞ୍ଚନ କରନ୍ତୁ।
୧୯. ଖୁବ୍‌ନିକଟରେ ବର୍ଷା ହେବାର ସମ୍ଭାବନାଥିଲେ ଜୀବନାଶକ ପ୍ରୟୋଗ କରନ୍ତ ନାହିଁ।
୨୦. ଜୀବନାଶକ ମିଶ୍ରଣକୁ ପତ୍ର ଉପରେ ଶୁଖିଲା ଥିବା ସମୟରେ ସିଞ୍ଚନ କରନ୍ତୁ ଓ ପତ୍ରରେ କାକର କିମ୍ବା ଓଦା ଥିବା ବେଳେ ଗୁଣ୍ଡ ଔଷଧ ସିଞ୍ଚନ କରନ୍ତୁ।
୨୧. ଜୀବନାଶକ ଓ ଫିମ୍ପି ନାଶକ ପ୍ରୟୋଗ ପାଇଁ ହଲୋକୋନ୍ ନୋଜଲ୍ ତୃଣନାଶକ ପ୍ରୟୋଗ ପାଇଁ ଫ୍ଲାଟ୍ ପ୍ୟାନ୍ ନୋଜଲ ବ୍ୟବହାର କରନ୍ତୁ।
୨୨. କୀଟନାଶକ ସିଞ୍ଚନ ସମୟରେ ଆଖିରେ ଚଷମା, ମୁହଁରେ ମୁଖା (Mask), ହାତରେ ଗ୍ଲୋବସ୍, ଶରୀରରେ ଆପ୍ରନ୍ (Apron), ମୁଣ୍ଡରେ ଟୋପି (Cap) ଓ ଗୋଡ଼ରେ ଜୋତା ପିନ୍ଧି ଶରୀରକୁ ସଂପୂର୍ଣ୍ଣ ଘୋଡ଼ାଇ ରଖନ୍ତୁ।
୨୩. କୀଟନାଶକ ପ୍ରୟୋଗ ପୂର୍ବରୁ ଯଥେଷ୍ଟ ପାଣି, ସାବୁନ, ଗାମୁଛା ପାଖରେ ରଖନ୍ତୁ।
୨୪. କୀଟନାଶକ ମିଶ୍ରଣ ପ୍ରସ୍ତୁତି ସମୟରେ ଓ ପ୍ରୟୋଗ ସମୟରେ କୌଣସିମତେ ଖାଦ୍ୟ ପଦାର୍ଥ ଖାଆନ୍ତୁ ନାହିଁ, ପାଣି ପିଅନ୍ତୁ ନାହିଁ ଓ ଧୂମ୍ରପାନ କରନ୍ତୁ ନାହିଁ।
୨୫. ତୃଣନାଶକ ଔଷଧ ଓ ଜୀବନାଶକ ଔଷଧ ଏକା ସ୍ପ୍ରେୟରରେ ପ୍ରୟୋଗ କରନ୍ତୁନାହିଁ। ଯଦି ଦୁଇଟି ସ୍ପ୍ରେୟର ସୁବିଧା ନାହିଁ, ତେବେ ତୃଣନାଶକ ଔଷଧ ପ୍ରୟୋଗ କରେ ସ୍ପ୍ରେୟରକୁ ଭଲଭାବରେ ସଫାକରି ଜୀବନାଶକ ପ୍ରୟୋଗ କରାଯାଇ ପାରେ।
୨୬. ସିଞ୍ଚନ ଯନ୍ତ୍ରର ନୋଜଲ୍‌କୁ ମୁହଁରେ ଫୁଙ୍କି କେବେହେଲେ ସଫା କରନ୍ତୁ ନାହିଁ।
୨୭. ବଳକା ମିଶ୍ରଣକୁ ପୋଖରୀ, ନଦୀ କିମ୍ବା ଜଳସେଚନ କେନାଲରେ ପକାନ୍ତୁ ନାହିଁ ଏବଂ ଖାଲି ଜୀବନାଶକ ଡବା / ଶିଶିକୁ ଚେପାକରି ଚାଷ ଅନୁପଯୋଗୀ ଜମିରେ ପୋତି ଦିଅନ୍ତୁ।
୨୮. ବିଷ ପ୍ରୟୋଗର ଠିକ୍ ପରେପରେ ଜମିରେ ଗୃହପାଳିତ ପଶୁମାନଙ୍କୁ ଚରିବାକୁ ଛାଡ଼ନ୍ତୁନାହିଁ।
୨୯. ଔଷଧ ପ୍ରୟୋଗର ଅନ୍ତତଃ ସାତ ଦିନ ପରେ ପନିପରିବା ତୋଳନ୍ତୁ।
୩୦. କୀଟନାଶକ ପ୍ରୟୋଗ ପରେ ବ୍ୟବହାର କରିଥିବା ପୋଷାକକୁ ଭଲଭାବରେ ଧୁଅନ୍ତୁ ଓ ସାବୁନ ଲଗାଇ ଗାଧୋଇ ନିଅନ୍ତୁ।
୩୧. ଔଷଧ ପ୍ରୟୋଗ କରୁଥିବା ବ୍ୟକ୍ତିର ଶରୀର ଓ ଆଖି ସଂସ୍ପର୍ଶରେ ଜୀବନାଶକ ଦ୍ରବ୍ୟ ଆସିଥିଲେ ସେହି ସ୍ଥାନକୁ ଭଲ ପାଣିରେ ବାରମ୍ବାର ଧୋଇ ଦିଅନ୍ତୁ।
୩୨. ଔଷଧ ପ୍ରୟୋଗ କରୁଥିବା ବ୍ୟକ୍ତି ଯଦି ନିଃଶ୍ୱାସ-ପ୍ରଶ୍ୱାସରେ କଷ୍ଟ ଅନୁଭବ କରୁଥିବେ ତେବେ କୃତ୍ରିମ ଉପାୟରେ ନିଃଶ୍ୱାସ-ପ୍ରଶ୍ୱାସ ନେବାକୁ ଚେଷ୍ଟା କରନ୍ତୁ।
୩୩. ଯଦି କୌଣସି ବ୍ୟକ୍ତି ବିଷ ଦ୍ୱାରା ସଂକ୍ରମିତ ହୁଅନ୍ତି ତେବେ ତୁରନ୍ତ ପାଖରେ ଥିବା ଡାକ୍ତରଙ୍କ ପାଖକୁ ନେଇଯାଆନ୍ତୁ।

## ବିଷାକ୍ତ ଔଷଧଜନିତ ରୋଗୀର ପ୍ରାଥମିକ ଚିକିତ୍ସା

ବିଷାକ୍ତ କୀଟନାଶକ ଆଦି ଔଷଧ ପ୍ରୟୋଗ ସମୟରେ ସାବଧାନତା ଅବଲମ୍ବନ ନ କଲେ ଏହା ଖାଦ୍ୟ, ଚର୍ମ, ନିଃଶ୍ୱାସ-ପ୍ରଶ୍ୱାସ ମାଧ୍ୟମରେ ମନୁଷ୍ୟ ଶରୀର ମଧ୍ୟକୁ ପ୍ରବେଶ କରି ନାନାବିଧ ଅନିଷ୍ଟକାରୀ ପ୍ରତିକ୍ରିୟା ସୃଷ୍ଟି କରିବା ସହିତ ଜୀବନହାନୀର ସମ୍ଭାବନା ମଧ୍ୟ ସୃଷ୍ଟି କରିଥାଏ। ବିଷାକ୍ତ ଔଷଧର ପ୍ରଭାବରେ ରୋଗୀର ମୁଣ୍ଡବ୍ୟଥା ହେବା, ବାନ୍ତି ହେବା, କ୍ଲାନ୍ତି ଅନୁଭବ କରିବା, ମୁଣ୍ଡବୁଲାଇବା, ଦେହ ଝିମ୍‌ଝିମ୍ କରିବା କିମ୍ବା ଥରିବା, ଝାଳ ବୋହିବା, ନିଃଶ୍ୱାସ-ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା, ଗୋଡ଼ ହାତ ଅଚଳ ହୋଇଯିବା ଏବଂ କେତେକ କ୍ଷେତ୍ରରେ ଚେତା ବୁଡ଼ିଯିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ। ଏଣୁ ଏହି ସବୁ ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ରୋଗୀର ପ୍ରାଥମିକ ଚିକିତ୍ସା କରିବା ସହିତ ଡାକ୍ତରଙ୍କୁ ଦେଖାଇ ସଠିକ୍ ଚିକିତ୍ସା ନକଲେ ରୋଗୀର ଜୀବନହାନୀ ହେବାର ସମ୍ଭାବନା ଥାଏ। ଏଣୁ ବିଷାକ୍ତ ଔଷଧଜନିତ ରୋଗର ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ କେତେକ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

## ପେଟ ଭିତରକୁ ବିଷାକ୍ତ ଔଷଧ ପ୍ରବେଶ କରିଥିଲେ ପ୍ରାଥମିକ ଚିକିତ୍ସା

ରୋଗୀକୁ ସଂଗେସଂଗେ ବାନ୍ତି କରାଇ ପେଟଭିତରୁ ବିଷାକ୍ତ ଔଷଧ ବାହାର କରିଦେବା ଆବଶ୍ୟକ। ଏଥିପାଇଁ ୨ ଚାମଚ ଲୁଣ ବା ସୋରିଷ ଗୁଣ୍ଡକୁ ୧ଗ୍ଲାସ୍ ଗରମ ପାଣିରେ ଗୋଳାଇ ରୋଗୀକୁ ପିଆଇଲେ ବାନ୍ତି ହୋଇଯାଏ। ରୋଗୀର ତଣ୍ଟିପାଖରେ ଆଙ୍ଗୁଳି ପୁରାଇ ସଲସଲ କରେ ମଧ୍ୟ ବାନ୍ତି ହୋଇଯାଏ।

